# ଭିସୁଟ୍‌ରେ 'ରି:ଜେନ୍-୨୦୨୬' ଆଇଡିଆଥନ୍ ଚୂଡ଼ାନ୍ତ ପର୍ଯ୍ୟାୟ

# ନୂତନ ଚିନ୍ତାଧାରା, ସ୍ଥାୟୀ ବିକାଶ ଓ ସାମାଜିକ ପ୍ରଭାବକୁ ଗୁରୁତ୍ୱ

ବୁର୍ଲା,୨୭।୯(ଆପ୍ର): ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ର ୭୦ତମ ପ୍ଲାଟିନମ୍ ଜୟନ୍ତୀ ବର୍ଷ ପାଳନ ଅବସରରେ ବିଶ୍ୱବିଦ୍ୟାଳୟର 'ଟିମ୍ ଅଫ୍ ସସ୍‌ଟେନେବିଲିଟି' ପକ୍ଷରୁ 'ରି:ଜେନ୍-୨୦୨୬' ନାମକ ଆଇଡିଆଥନ୍ ଚୂଡ଼ାନ୍ତ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

ଏ ଅବସରରେ ଭିଏସ୍‌ଏସ୍‌ୟୁଟିର କୁଳପତି ପ୍ର. ଦୀପକ କୁମାର ସାହୁ ଏବଂ ଛାତ୍ର କଲ୍ୟାଣ ଡିନ୍ ପ୍ର. ରାକେଶ ରୋଶନ ଦାସ ଉପସ୍ଥିତ ରହି ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ଏମ୍‌ସିଏଲ୍‌ରୁ ଡ. ଶମ୍ଭୁ ଝା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ରୁ ଇଂ. ମାନଭଞ୍ଜନ ମହାପାତ୍ର, ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚ୍‌ପିସି)ରୁ ଇଂ. ସୁନୀଲ କୁମାର ସେଠୀ ଓ ଇଂ. ଅମଳେନ୍ଦୁ ଦାଶ ଏବଂ ଟିପିଡବ୍ଲୁଓଡିଏଲ୍‌ରୁ ଇଂ. ସୁରେନ୍ଦ୍ର ହାତା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସ୍ଥାୟୀ ବିକାଶ ସହ ଜଡ଼ିତ ନୂତନ ଚିନ୍ତାଧାରା ଏବଂ ବ୍ୟବହାରିକ ସମାଧାନ ବିକଶିତ କରିବା ଦିଗରେ ମୂଲ୍ୟବାନ ଦୃଷ୍ଟିକୋଣ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀ ନୂତନ ଚିନ୍ତାଧାରା, ସ୍ଥାୟୀ ବିକାଶ ଓ ସାମାଜିକ ପ୍ରଭାବକୁ ଆଧାର କରି ନିଜ ନିଜ ପ୍ରକଳ୍ପ ଓ ଧାରଣା ଉପସ୍ଥାପନ କରିଥିଲେ ।



ଫ୍ୟାକଲ୍ଟି ଆଡଭାଇଜର୍ ଡ. ସସ୍ମିତା ବେହେରା, ଡ. ରେଣୁପ୍ରଭା ଦଲେଇ ଏବଂ ଡ. ଲିପ୍ସାମୟୀ ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ଐତିହାସିକ ପ୍ଲାଟିନମ୍ ଜୟନ୍ତୀ ବର୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଶିକ୍ଷାନୁଷ୍ଠାନ ଓ ଶିଳ୍ପ ଜଗତ ମଧ୍ୟରେ ସହଯୋଗ ଏବଂ ସମ୍ପର୍କକୁ ଆହୁରି ସୁଦୃଢ଼ କରିଥିବା କୁହାଯାଇଛି ।